# Akashvani, Sambalpur

# SAMBALPURI NEWS MORNING BULLETIN

# 23 March 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ-କେବିନେଟ୍ କମିଟି ବୈଠକ୍      ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ସୁରକ୍ଷା ବାବଦ୍ କେବିନେଟ୍ କମିଟି ବୈଠକ୍‌ଥି ଅଧକ୍ଷତା କରିକରି ପଶ୍ଚିମ ଏସିଆର୍ ସଂଘର୍ଷ ଥିତି ଲାଗି ଦେଶେ ଦେଖାଦେଇଥିବା ସମସ୍ୟାର୍ ସମୀକ୍ଷା କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ବୈଠକ୍‌ଥି ତେଲ୍ ଆଉ ଗେସ୍ ଥିତିର୍ ସମୀକ୍ଷା କର୍‌ବାର୍ ସହେତେ ଜରୁରୀ ଦରବ୍ ଯୁଗାବାର୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ସ୍ୱଳ୍ପ, ମଧ୍ୟମ୍ ଆଉ ଦୀର୍ଘକାଳୀନ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରିଛନ୍ । ନାଗରିକମାନ୍‌କୁ ଅସୁବିଧା ନାଇଁ ହେବାର୍ ଦିଗେ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ପରାମର୍ଶ ଦେଇଛନ୍ । ଇ ଦିଗେ ସବୁ ବିଭାଗ୍  ମିଲିମିଶ କାମ୍ କର୍‌ବାର୍‌କେ ମନ୍ତ୍ରୀ ଆଉ ସଚିବମାନ୍‌କର୍ ଗୁଟେ ଟିମ୍ ଗଠନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ରାଜ୍ୟପାଲ୍ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ନ ଜବାହାର୍‌ଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ-ଜେଏନ୍‌ୟୁର୍ ଓଡ଼ିଶା ପୂର୍ବତନ ଛାତ୍ରସଂଘର୍ ବାର୍ଷିକ୍ ସମ୍ମିଲନୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ରାଜ୍ୟପାଲ୍ ଜେଏନ୍‌ୟୁ ଭାରତ୍‌ର ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ୍ ଆଉ ଆଘର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଅମୂଲ୍ୟ ମାର୍ଗଦର୍ଶକ୍ ଆଏ ବଲି କହିଛନ୍ ।

ଓଡ଼ିଶା ପରବ ଆଇ ଆଣ୍ଡ୍ ପି.ଆର୍

ଗୁଜୁରାତ୍‌ର ଅହମଦାବାଦ୍ ନ ଚାଲିଥିବା ଓଡ଼ିଶା ପରବ୍‌ର ୨ ନମ୍ବର୍ ଦିନେ ଗଲାକାଏଲ୍ ପ୍ରବାସୀ ଓଡ଼ିଆ ସମ୍ମିଲନୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଗୁଜୁରାତ୍‌ର ଭିନ୍ ଭିନ୍ ଜାଗା ନ ରହୁଥିବା ଓଡ଼ିଆମାନେ ଯୋଗ୍ ଦେଇଥିଲେ । ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଶା

ପରବ ଖାଲି ଗୁଟେ ସାଂସ୍କୃତିକ୍ ପ୍ରଦର୍ଶନୀ ନୁହେଁସେ ଇଟା ଦୁହି ରାଜ୍ୟର୍ ଲୁକ୍‌କର୍ ଭିତ୍‌ରେ ସାଂସ୍କୃତିକ୍ ସମ୍ପର୍କକେ ବର୍‌କସ୍ କର୍‌ବାର୍ ଆଉ ପାରସ୍ପରିକ୍ ବୁଝାମଣା ବଢ଼ାବାର୍ ଲାଗି ଗୁଟେ ବର୍‌କସ୍ ମାଧ୍ୟମ୍ ଆଏ ବଲି  କହିଛନ୍ ।

ଖଦୀ ମେଳା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଓଡ଼ିଶା ଖଦୀ ଆଉ ଗ୍ରାମୋଦ୍ୟୋଗ ବୋର୍ଡ଼ କାର୍ଯ୍ୟାଲୟ ପରିସର୍ ନ ଆଏଜ୍‌ଠାନୁ ଖଦୀ ମେଳାର୍ ଆୟୋଜନ୍ କରାଯାଉଛେ । ମେଳାକେ ଅଣୁ, କ୍ଷୁଦ୍ର ଆଉ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ମେଳା ଆଏବା ୨୯ ତାରିଖ୍‌ତକ୍ ଚାଲ୍‌ବା ।

ଫିଟ୍ ଇଣ୍ଡିଆ କାର୍ନିଭାଲ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସଭେ ସୁରକ୍ଷିତ୍ ରହୁନ୍ ଆଉ ସ୍ୱାସ୍ଥ୍ୟ ସୁରକ୍ଷିତ୍ ରହୁ ବାର୍ତା ନେଇକରି ପୁରୀ ସମୁଦ୍ରଖଁଡ଼ି ନ ଚାଲିଥିବା ୩ ଦିନିଆ ଫିଟ୍ ଇଣ୍ଡିଆ କାର୍ନିଭାଲ୍ ଆଏଜ୍ ଉଦ୍‌ଯାପିତ୍ ହେଉଛେ । କ୍ରୀଡ଼ା ଆଉ ଯୁବବ୍ୟାପର

ମନ୍ତ୍ରଣାଳୟ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍ ତର୍ଫୁ ହେଇଥିବା କାର୍ଜିଭାଲ୍ଥି ଯୋଗ, ଜୁମ୍ବା ସହେତେ ପାରମ୍ପରିକ୍ କ୍ରୀଡ଼ା, ସ୍ୱଦେଶୀ କ୍ରୀଡ଼ା, ବେଳାଭୂମି କ୍ରିକେଟ୍, ଭଲିବଲ୍, କୁସ୍ତି ବାଗିର୍ ଖେଲ୍ ହେଇଥିଲା ।

ନାଁଲେଖା        ଆଇ.ଆଣ୍ଡ୍.ପି.ଆର୍

୨୦୨୬-୨୭ ଶିକ୍ଷାବଛ୍ରେ ୨ ବର୍ଷିଆ ବିଏଡ୍, ଏମ୍ଏଡ୍, ବିଏଚ୍ଏଡ୍ ପାଠ୍ୟକ୍ରମ୍ଥି ନାଁଲେଖା ଲାଗି ଆଏଜ୍ଠାନୁ ଅନ୍ଲାଇନ୍ ଆବେଦନ୍ ମୁଲ୍ ହେଉଛେ । ଉଚ୍ଚଶିକ୍ଷା ବିଭାଗ୍ର ବିଜ୍ଞପ୍ତି ଅନ୍ସାରେ ଇ ବଛର୍ ୩୧ ଟା ଶିକ୍ଷାନୁଷ୍ଠାନ୍ ନ ମୋଟ୍ ୨ ହଜାର୍ ୭ ଶହ ୫୦ ଟା ଆସନ୍ ଲାଗି ନାଁ ଲେଖାଯିବା । ଇଚ୍ଛୁକ ପ୍ରାର୍ଥୀମାନେ ଏପ୍ରିଲ୍ ୬ ତାରିଖ୍ତକ୍ ସାମ୍ସ ପୋର୍ଟାଲ୍ଥି ଆବେଦନ୍ କରିପାର୍ବେ । ମେ ମାସର୍ ୩୧ ତାରିଖ୍ଦିନ ବିଏଡ୍ ଆଉ ଜୁନ୍ ୩ ତାରିଖ୍ ଏମ୍ଏଡ୍ ଆଉ ବିଏଚ୍ଏଡ୍ ପାଠ୍ୟକ୍ରମ୍ ଲାଗି ପ୍ରବେଶିକା ପରୀକ୍ଷା ହେବା । ଇଥିର୍ଲାଗି ମେ ୨୭ ତାରିଖ୍ ଏଡ୍ମିଟ୍କାର୍ଡ୍ ମିଲ୍ବା ।

ଶହୀଦ୍ ଦିବସ୍ ଆର୍ଏନ୍ୟୁ / ସମ୍ବଲପୁର

୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ୍ ଦିନ ସ୍ୱାଧୀନତା ସଂଗ୍ରାମୀ ଭଗତ୍ ସିଂ, ସୁଖଦେବ୍ ଥାପର୍ ଆର୍ ଶିବରାଜ୍ ରାଜ୍‌ଗୁରୁଙ୍କୁ ଫାଶି ଦିଆଯାଇଥିଲା । ସେଦିନ୍‌କେ ଶହୀଦ୍ ଦିବସ୍ ଭାବେ ସାରାଦେଶେ ପାଳନ୍ କରାଯାଉଛେ । ବ୍ରିଟିଶ୍ ଶାସନ୍ ସମିଆଥି ଲାଲା ଲଜ୍‌ପତ୍ ରାୟ ସାଇମନ୍ କମିଶନ୍ ବିରୋଧ୍ ନ ଆନ୍ଦୋଲନ୍ କରୁଥିବାର୍ ବେଲେ ବ୍ରିଟିଶ୍ ପୁଲିସ୍ ମାଡ଼ଥି ଜଖମ୍ ହେଇକରି ଜୀବନ୍ ହରେଇଥିଲେ । ଇ ଘଟ୍‌ନାର୍ ପ୍ରତିଶୋଧ୍ ନେବାର୍ ଲାଗି ସଂଗ୍ରାମୀ ଭଗତ୍ ସିଂ, ସୁଖ୍‌ଦେବ ଆର୍ ରାଜ୍‌ଗୁରୁ ଆଉ ଝନେ ସଂଗ୍ରାମୀ ଚନ୍ଦ୍ରଶେଖର୍ ଆଜାଦ୍‌ଙ୍କର୍ ସହେତେ ମିଶିକରି ବ୍ରିଟିଶ୍ ପୁଲିସ୍ ଅଧିକାରୀଙ୍କର୍ ଉପ୍‌ରେ ଗୁଲି ଚଲେଇଥିଲେ । ଇତାର୍ ଶୁଣାଣିଥି ତିନ୍‌ହି ସ୍ୱାଧୀନତା ସଂଗ୍ରାମୀଙ୍କୁ ଆଝିର୍ ଦିନେ ଫାଶି ଦିଆଯାଇଥିଲା ।

ବିଶ୍ୱ ପାଣିପାଗ ଦିବସ ଆର୍ଏନ୍ୟୁ/ କଟକ୍

ମୁନୁଷ୍ ସମାଜ୍‌କେ ପାଣିପାଗ୍ ଆଉ ଜଲବାୟୁ ପରିବର୍ତ୍ତନ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ୧୯୬୧ ମସିହା ଉତ୍‌ରୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ପାଣିପାଗ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ବିଶ୍ୱ ପାଣିପାଗ୍ ଦିବସ୍‌ର ବାର୍ତ୍ତା ହେଉଛେ 'ଭବିଷ୍ୟତ୍‌ର ସୁରକ୍ଷା ଲାଗି ଏଛ୍‌ନିର୍ ତୟାରି' ।
ଗଲା ୮ ଦଶନ୍ଧି ଭିତ୍‌ରେ ପୁର୍‌ଥିର୍ ଭିନ୍ ଭିନ୍ ପାଣିପାଗ୍ ସଂସ୍ଥା ସାଧାରଣ୍ ଲୋକ୍, ସର୍‌କାର୍ ଆର୍ ଭିନ୍ ଭିନ୍ ସଂଗଠନ୍ ଲାଗି ଯୋଗସୂତ୍ରକାରୀ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଆସୁଛେ । ସଠିକ୍ ପାଣିପାଗ୍‌ର ଆକଲନ୍ ଆଉ ପୂର୍ବାନୁମାନ୍ ଲାଗି ବହୁତ୍ ଲୁକ୍‌କର୍ ଜୀବନ୍ ବଂଚାଯାଇପାରୁଛେ ।

କଲାଭୂମି ଥାପ୍‌ନା ଦିବସ        ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଗଣ୍ଡମୁଣ୍ଡା ନ ଥିବା ରାଜ୍ୟହସ୍ତଶିଳ୍ପ ସଂଗ୍ରହାଲୟ କଲାଭୂମି ର ୮ ନମ୍ବର୍ ଥାପ୍‌ନା ଦିବସ୍ ଗଲାକାଏଲ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ହସ୍ତଶିଳ୍ପ ବିଭାଗ୍‌ର ନିର୍ଦ୍ଦେଶିକା ନିବେଦିତା ପୃଷ୍ଟିଙ୍କର୍ ସହେତେ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇକରି ଓଡ଼ିଶାର୍ କଲାକେ ବିଶ୍ୱସ୍ତର୍ ନ ପୁହୁଁଚାବାର୍ ଦିଗେ

ଜୋର୍ ଦେଇଛନ୍ । ଇ ଅବ୍‌ସରେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଥିଲା ।

ବାୟୋକମ୍ପ୍ରେସ୍‌ଡ୍ ଗେସ୍ ପ୍ଲାଂଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ମହାନଗର୍ ନିଗମ୍ ଅନ୍ତର୍ଗତ ଆମ୍‌ସଢ଼ା କଟାପାଲି ନ ବାୟୋକମ୍ପ୍ରେସ୍‌ଡ୍ ଗେସ୍ ପ୍ଲାଂଟ୍ ଥାପ୍‌ନା ଲାଗି ପଦକ୍ଷେପ୍ ମୁଲ୍ କରାଯାଇଛେ । ଇଥିର୍‌ଲାଗି ୧୦ ଏକଡ୍ ଜମି ଚିହ୍ନଟ୍ ହେଇଛେ । ପ୍ଲାଂଟ୍‌କେ ଅୟେଲ୍ ଇଣ୍ଡିଆ କାର୍ଯ୍ୟକାରୀ କର୍‌ବା ବଲି ଗଲାକାଏଲ୍ ମହାନଗର୍ ନିଗମ୍ ତର୍‌ଫୁ ହେଇଥିବା ସ୍ୱଚ୍ଛତା ପାଠ୍‌ଶାଲା କାର୍ଯ୍ୟକ୍ରମ୍‌ଥି ସୂଚ୍‌ନା ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ସହରର୍ ସ୍ୱଚ୍ଛତା ଉପ୍‌ରେ ଜୋର୍ ଦିଆଯିବାର୍ ସହେତେ ସମ୍‌କୁ କେନ୍ତାକରି ଭଲ୍ ସେବା ଯୁଗେଇ ଦିଆଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯାଇଥିଲା ।